# ଗ୍ରାମୀଣ କୃଷି ମୌସମ ସେବା

## ଭାରତୀୟ ପାଣିପାଗ ବିଭାଗ

## ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ମହିଷାପାଟ, ଢେଙ୍କାନାଳ – ୭୫୯୦୦୩

## ସପ୍ତାହ ସଂଖ୍ୟା .୩୦

ଡ. ମହମ୍ମଦ ଅବଦୁଲ ଅଲିମ
ଟେକ୍‌ନିକାଲ ଅଫିସର (ଭା.ପ୍ରା.)

## ଢେଙ୍କାନାଳ ଜିଲ୍ଲା

ବୁଲେଟିନ ନମ୍ବର :୨୦୮
ତାରିଖ : ୨୮।୦୭।୨୦୨୦
(ମଙ୍ଗଳବାର)

### ଗତ ସପ୍ତାହ ର ପାଣିପାଗ ସମ୍ବନ୍ଧୀୟ ସୂଚନା (୨୨.୦୭.୨୦୨୦ ରୁ ୨୮.୦୭.୨୦୨୦)

| | |
|---|---|
| ବୃଷ୍ଟିପାତ (ମି.ମି.) | **65.2** |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | **28.2-36.7** |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | **24.0-25.6** |

### ଆଞ୍ଚଳିକ ପାଣିପାଗ କେନ୍ଦ୍ର, ଭୁବନେଶ୍ୱର ଅନୁଯାୟୀ ଅଗ୍ରୀମ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛାନ୍ନତା (ଅକ୍‌ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନ ର ବେଗ (କି.ମି./ଘ.) | ପବନ ର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 29/7/2020 | 12 | 36 | 25 | 6 | 84 | 55 | 4 | 165 |
| 30/7/2020 | 2 | 34 | 26 | 5 | 89 | 49 | 4 | 180 |
| 31/7/2020 | 0 | 35 | 26 | 4 | 83 | 48 | 4 | 205 |
| 1/8/2020 | 4 | 35 | 26 | 5 | 77 | 44 | 7 | 188 |
| 2/8/2020 | 5 | 34 | 25 | 6 | 85 | 47 | 9 | 174 |

- ଆସନ୍ତା ପାଞ୍ଚ ଦିନରେ ୨୩ ମି.ମି ବର୍ଷା ହେବାର ସମ୍ଭାବନା ଅଛି।
- ଆକାଶ ସାଧାରଣତଃ ମେଘୁଆ ରହିବ। ସହିତ ୪–୯ କି.ମି.ପ୍ର.ଘ ବେଗରେ ପବନ ବୋହିପାରେ ।
- ସର୍ବାଧିକ ତାପମାତ୍ରା ୩୬ ରୁ ୩୪ ଡି. ସେ ଓ ସର୍ବନିମ୍ନ ତାପମାତ୍ରା ୨୫ ରୁ ୨୬ ଡି. ସେ. ମଧ୍ୟରେ ରହିବ ।
- ବର୍ଷାର ସଦୁପଯୋଗ କରି ଆସନ୍ତା ଖରିଫ ଧାନ ଚାଷ ପାଇଁ ଯଥାଶୀଘ୍ର ତଳିଘରୋ ପ୍ରସ୍ତୁତ କରନ୍ତୁ ।
- ଯଥା ସମ୍ଭବ ବର୍ଷା ଉତ୍ତୁରେ ଢିପ ଜମିରେ ସିଧା ସଳଖ ବୁଣା କାର୍ଯ୍ୟ ଶେଷ କରନ୍ତୁ ।
- ଆବଶ୍ୟକ ଅନୁଯାୟୀ କୀଟନାଶକ ସହିତ ଅଠା ମିଶାଇ ଶୁଖିଲା ପାଗରେ ସିଂଚନ କରନ୍ତୁ ।

**ଖରିଫ ଧାନ :**

- ସ୍ୱାଭାବିକ ଠାରୁ କମ ବର୍ଷା ହେଉଥିବା ବ୍ଲକ ମାନଙ୍କରେ ଏକାବେଳେ ତଳି ନପକାଇ ୧୦ ଦିନ ବ୍ୟବଧାନରେ ତଳି ପକାନ୍ତୁ।
- ଅନିୟମିତ ବର୍ଷା ହେତୁ ବୁଣା ଧାନ ଜମିରେ ଦୁବ, ସୁଆଁ, ରେଗେଡୋ ସହିତ ବଡପତ୍ର ଘାସ ସମସ୍ୟା ଦେଖାଯାଉଛି । ଏହି ଅନାବନା ଘାସ ୨ ରୁ ୩ ପତ୍ର ଅବସ୍ଥାରେ ଥିଲେ ଏକର ପ୍ରତି ୮୦ ମି.ଲି ବିସପାଇରିବାକ ସୋଡିୟମ କିମ୍ବା ୩୭ ମି.ଲି ପେନୋକ୍ସସୁଲମ ଘାସମରା ବିଷକୁ ୩୦୦ ଲିଟର ପାଣିରେ ମିଶାଇ ଫ୍ଲଡଜେଟ କିମ୍ବା ଫ୍ଲାଟଫ୍ୟାନ ନୋଜେଲ ବ୍ୟବହାର କରି ସିଂଚନ କରନ୍ତୁ ।
- ବିଗତ ଦିନର ତାପମାତ୍ରା ଅଧିକ ରହୁଥିବାରୁ ଧାନ ତଳିରେ ଥ୍ରୀପ୍ସ ପୋକର ସଂକ୍ରମଣ ବୃଦ୍ଧି ପାଇବ। ଏହାର ନିରାକରଣ ପାଇଁ ପ୍ରତି ଲିଟର ଜଳରେ ୨ ମି.ଲି ଫିପ୍ରୋନିଲ ୫ ଏସ.ସି କିମ୍ବା ୦.୪ ଗ୍ରାମ ଥିଓମେଥୋକ୍ସାମ ମିଶାଇ ତଳିଘରେରେ ସିଂଚନ କରନ୍ତୁ ।
- ତଳି ଉପାଡିବାର ୭ ଦିନ ପୂର୍ବରୁ ୧୦ ଡେସିମଲେ ତଳି ଘରୋ ପ୍ରତି ୧୦୦୦ ଗ୍ରାମ ହାଇଡ୍ରୋକ୍ଲୋରାଇଡ ୧୨୦୦ ଗ୍ରାମ କାର୍ବୋ ଫୁରାଣ କିମ୍ବା ୮୦୦ ଗ୍ରାମ ଫିପ୍ରୋନିଲ ବିଶ ପ୍ରୟୋଗ କରନ୍ତୁ ।

**ପନିପରିବା:**

- ବାଇଗଣ ତଳି ରୋଇବାର ସାତ ଦିନ ପୂର୍ବରୁ ତଳିଘରୋରେ ପ୍ରତି ଲିଟର ଜଳରେ ୧ ଗ୍ରାମ ଟେବୁକୋନାଜୋଲ ଓ ୧ ଗ୍ରାମ ପ୍ଲାଣ୍ଟୋମାଇସିନ ମିଶାଇ ମାଟିରେ ସିଂଚନ କରନ୍ତୁ ।
- ବର୍ତମାନ ବାଇଗଣ ତଳିଘରୋରେ କାଙ୍କଡିଆ ପୋକର ସମସ୍ୟା ବୃଦ୍ଧି ପାଉଛି। ଏହି ପୋକର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ଜଳରେ ୧.୫ ଗ୍ରାମ ହିସାବରେ ଏସିଫେଟ କୀଟନାଶକ ମିଶାଇ ସିଂଚନ କରନ୍ତୁ ।
- ବର୍ତମାନ ପାଣିପାଗରେ ଲଙ୍କା ଫସଲରେ ପତ୍ର ଉକୁଣିଆ ଓ ଅଷ୍ଟପଦୀ ପୋକର ପ୍ରାଦୁର୍ଭାବ ଅଧିକ ହେବାର ସମ୍ଭାବନା ଅଛି। ଏହାର ନିରାକରଣ ପାଇଁ ଏକର ପ୍ରତି ୧୨୦ ମି.ଲି ସ୍ପିରୋମେସିଫେନ କୀଟନାଶକ ଔଷଧ ପ୍ରୟୋଗ କରନ୍ତୁ ।
- ଝୁଡୁଙ୍ଗ ଫସଲରେ କଳଙ୍କି ରୋଗର ନିରାକରଣ ପାଇଁ ପ୍ରତି ଲିଟର ଜଳରେ ୨ ଗ୍ରାମ ହିସାବରେ କ୍ଲୋରୋଥାଲାନୀଲ ମିଶାଇ ସିଂଚନ କରନ୍ତୁ ।

**ପଶୁ ପାଳନ**

- ଆଗାମୀ ପାଞ୍ଚ ଦିନ ନିରବଚ୍ଛିନ୍ନ ବର୍ଷା ଥିବାରୁ ଗୃହପାଳିତ ପଶୁ ମାନଙ୍କୁ ଚରିବା ପାଇଁ ବାହାରକୁ ଛାଡନ୍ତୁ ନାହିଁ।
- ଗୁହାଳକୁ ସଫା ରଖିବା ସହିତ ପର୍ଯ୍ୟାପ୍ତ ପରିମାଣ ର ପିଇବା ପାଣିର ବ୍ୟବସ୍ଥା କରନ୍ତୁ ।
- ନିୟମିତ ବ୍ୟବଧାନରେ ଟିକା କରଣ କରାନ୍ତୁ ।

**ମାଛ ଚାଷ :**

- ଯଥା ସମ୍ଭବ ପୋଖରୀ ପ୍ରସ୍ତୁତି ଶେଷ କରନ୍ତୁ ।

ଉପରୋକ୍ତ ଉପଦେଶ ପ୍ରାପ୍ତ ସୂଚନା ଉପରେ ଆଧାରିତ ।

ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଙ୍କ ଦ୍ୱାରା ସ୍ୱୀକୃତ

କୃଷି ଭିତ୍ତିକ କୌଣସି ସମସ୍ୟା ପାଇଁ ଦେୟମୁକ୍ତ ନମ୍ବର ୧୮୦୦ ୧୮୦ ୧୫୫୧ ସହିତ ସମ୍ପର୍କ କରନ୍ତୁ ।